## ଗୋନାସିକା-କେନ୍ଦୁଝର ମହୋତ୍ସବ :
## ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା ପାଇଁ ସ୍ଥାନୀୟ ପ୍ରତିଭାଙ୍କୁ ସୁଯୋଗ ଦିଆଯିବାକୁ ନିଷ୍ପତି :
## ଡିସେମ୍ବର ୧୦ରେ  ଉପସ୍ଥାପକ/ ଉପସ୍ଥାପିକା ଚୟନ

କେନ୍ଦୁଝର, ତା ୦୪.୧୨.  ଚଳିତ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମାସ୍ଥ କାଳୀପଡିଆଠାରେ ଆୟୋଜିତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ ପାଇଁ ଜିଲ୍ଲାର ଉପଯୁକ୍ତ ଉପସ୍ଥାପକ/ ଉପସ୍ଥାପିକାମାନଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତି ନିଆଯାଇଛି । ସାଂସ୍କୃତିକ କମିଟିର ନିଷ୍ପତିକ୍ରମେ ଚଳିତ  ଡିସେମ୍ବର ତା ୧୦.୧୨.୨୦୨୩ରିଖ ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଉପଯୁକ୍ତ ଉପସ୍ଥାପକ/ଉପସ୍ଥାପିକା ଚୟନ କରାଯିବ । ଏଣୁ ଆଗ୍ରହୀ ଉପସ୍ଥାପକ/ଉପସ୍ଥାପିକାମାନେ ଚଳିତ ଡିସେମ୍ବର ୧୦ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ ଘଟିକାରେ ଦରବାର ହଲ୍‌ଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ମହୋତ୍ସବର ସାଂସ୍କୃତିକ କମିଟି ତରଫରୁ ସୂଚନା ଦିଆଯାଇଛି ।

ସ୍ୱାକ୍ଷର 5/12/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର